## ସଂକ୍ଷେପରେ

### ପ୍ରଦୂଷଣରେ ଜଳବାୟୁ ପ୍ରଭାବିତ

**ଢେଙ୍କାନାଳ ଅଫିସ, ୨୪।୩:** ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସାମାଜିକ ସଙ୍ଗଠନ 'ସୌନ୍ଦର୍ଯ୍ୟା' ପକ୍ଷରୁ ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସଭାନେତ୍ରୀ ସ୍ମିତାରାଣୀ ସାମଲ ଉପସ୍ଥିତ ଥିଲେ। ପରିବେଶ ପ୍ରଦୂଷଣ ଜଳବାୟୁକୁ ପ୍ରଭାବିତ କରୁଛି ବୋଲି ମତପ୍ରକାଶ ପାଇଥିଲା। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଏବଂ ସହରୀ ରାସ୍ତାର ଉନ୍ନତୀକରଣରେ ବଡ଼ବଡ଼ ଗଛ କଟାଯାଇଛି। ଶିଳ୍ପସଂସ୍ଥା ଯୋଗୁ ବ୍ରାହ୍ମଣୀ ନଦୀ ପ୍ରଦୂଷିତ ହେବାରେ ଲାଗିଛି। ମାଛ କମିଯାଉଥିବାରୁ ମତ୍ସ୍ୟଜୀବୀ ପରିବାର ଜୀବିକା ହରାଇଛନ୍ତି। ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ମତପ୍ରକାଶ ପାଇଥିଲା। ଏଥିସହ ବର୍ଷା ଋତୁରେ ଅଧିକରୁ ଅଧିକ ବନୀକରଣ, ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉଫୁନାର ରାଜ୍ୟ ସଭାପତି ମନୋରଞ୍ଜନ ପଟ୍ଟନାୟକ, ସଦସ୍ୟ ବାହାଦୁର ପାଟସାହାଣୀ, ଜିଲା ବୁଦ୍ଧିଜୀବୀ ସଙ୍ଗଠନ ସଭାପତି ଡା. ତୁଷାରକାନ୍ତି ନାୟକ, ସଦସ୍ୟା ଗୀତା ସାମଲ, ସରୋଜ ଶତପଥୀ, ଝରଣା ଖଟୁଆ, ଇତିଶ୍ରୀ ସାମଲ, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ସୁବାସିନୀ ମହାକୁଡ, ଶିଳ୍ପୀଶ୍ରୀ ହରିଚନ୍ଦନ, ଅନୁଗୋଳର ଦେବୀ ପ୍ରସାଦ ପୃଷ୍ଟି, ରଣଜିତ୍ ପଟ୍ଟନାୟକ, ଜିଲା ନିଶା ନିବାରଣ ସଂଘ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର କାର୍ଯ୍ୟକର୍ତ୍ତାଙ୍କ ସମେତ ଅନୁଗୋଳ ଜିଲାର ବିଭିନ୍ନ ସାମାଜିକ ସଙ୍ଗଠନ ଏଥିରେ ସାମିଲ ହୋଇଥିଲେ। ସ୍ମିତାରାଣୀ ସାମଲ ଧନ୍ୟବାଦ ଦେଇଥିଲେ।

### ଠିକାସଂସ୍ଥାକୁ ୧ ଲକ୍ଷ ଟଙ୍କା ଜରିମାନା

**କାମାକ୍ଷାନଗର, ୨୪।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଞ୍ଚଳରେ ଲଘୁ ଖଣିଜ ସାମଗ୍ରୀର ଅବାଧ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ସହକାରୀ ଜିଲାପାଳ ମଦନମୋହନ ଜେନାଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢ଼ାଉ ଜାରି ରଖିଛି। ବେଆଇନ ମେଟାଲ ଉତ୍ତୋଳନ କରୁଥିବା ଅଭିଯୋଗରେ ବାଲାଜୀ କମ୍ପାନୀକୁ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ବାଇସିଙ୍ଗା ମୌଜାରୁ ଖଟଖୁରା ଯିବା ରାସ୍ତାରେ ବାଲାଜୀ କମ୍ପାନୀ ପକ୍ଷରୁ ମେଶିନ ସହାୟତାରେ ମେଟାଲ ଉତ୍ତୋଳନ କରାଯାଉଥିବା ସହକାରୀ ଜିଲାପାଳଙ୍କ ନଜରକୁ ଆସିଥିଲା। ଏହାପରେ ସେ ଏହି କାର୍ଯ୍ୟରୁ ନିବୃତ୍ତ ରହିବାକୁ ସମ୍ପୃକ୍ତ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ତାଗିଦା କରିଥିଲେ। ତହସିଲ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପରେ ବେଆଇନ ଭାବେ ମେଟାଲ ଉତ୍ତୋଳନ କରାଯାଉଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ସମ୍ପୃକ୍ତ ଠିକାସଂସ୍ଥାକୁ ୧ ଲକ୍ଷ ଟଙ୍କା ଜରିମାନା ଭରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବନାହିଁ ବୋଲି ସହକାରୀ ଜିଲାପାଳ କଡ଼ା ଚେତାବନୀ ଦେଇଛନ୍ତି। ଏହି ଅବସରରେ ଜଡ଼ାପାଳଠାରେ ଯାନବାହନ ଯାଞ୍ଚ କରାଯାଇଥିଲା। ଅନ୍ୟତମ ସହକାରୀ ଜିଲାପାଳ ଦୀପକ ମିଶ୍ର, ଆର୍ଆଇ ବିଶ୍ୱନାଥ ପ୍ରଧାନ ଏଥିରେ ସହଯୋଗ କରିଥିଲେ।

# ଅଢ଼େଇ ମାସରେ ୩୮ ମୃତ

■ସଡ଼କ ଦୁର୍ଘଟଣା ଉଦ୍‌ବେଗଜନକ
■ରାଜପଥ ସମ୍ପ୍ରସାରଣ କାମ ସରୁନି

**ଢେଙ୍କାନାଳ ଅଫିସ, ୨୪।୩**


ଜଣେ ବାଇକ୍ ଆରୋହୀଙ୍କୁ ଯାଞ୍ଚ କରାଯାଉଛି।

ଢେଙ୍କାନାଳରେ ଗତ ଅଢ଼େଇ ମାସରେ ସଡ଼କ ଦୁର୍ଘଟଣାରେ ୩୮ ଜୀବନ ଗଲାଣି। ଜାତୀୟ ରାଜପଥ ସମ୍ପ୍ରସାରଣରେ ଅହେତୁକ ବିଳମ୍ବ, ବେପରୁଆ ଗାଡ଼ିଚାଳନା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଏହାକୁ ରୋକିବା ଲାଗି ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପଞ୍ଝୁପଟି ବ୍ରିଜ୍ ନିକଟରେ ମାସିକିଆ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ରିଜ୍ ନିକଟରେ କିଛିଦିନ ତଳେ ଏକ ବସ୍ ଓଲଟି ୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପରିବର୍ତ୍ତେ ଉକ୍ତ ସ୍ଥାନରେ ବୈଠକର ଆୟୋଜନ କରାଯାଇଥିଲା। ତେବେ ସମୀକ୍ଷାରୁ ଜିଲାରେ ଦୁର୍ଘଟଣାର ଯେଉଁ ଉଦ୍‌ବେଗଜନକ ଚିତ୍ର ପଦାକୁ ଆସିଛି, ତାହା ଯେତିକି ଦୁଃଖଦ ସେତିକି ଚିନ୍ତାଜନକ ବୋଲି ଜିଲାପାଳ କହିଛନ୍ତି।

ସୁପ୍ରିମକୋର୍ଟ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଏପ୍ରିଲ ୧ରୁ ୧୦ ଯାଏ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେଉଛି। ଏହି ସମୟରେ ସଡ଼କ ଦୁର୍ଘଟଣାରେ ଯେପରି କେହି ମୃତାହତ ନ ହୁଅନ୍ତି ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଶିକ୍ଷାନୁଷ୍ଠାନ ନିକଟରେ ସାଇନେଜ୍ ଲଗାଇବା, ଦୁର୍ଘଟଣାପ୍ରବଣ ସ୍ଥଳରେ ଯାତ୍ରୀ ଓ ଗାଡ଼ିଚାଳକଙ୍କୁ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ଏନ୍ଏଚ୍ଏଆଇ, ଆରଟିଓ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ରାସ୍ତାରେ ଯାଉଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦେଇ ସୁରକ୍ଷିତ ଭାବେ ଯାତ୍ରା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଟ୍ରାଫିକ ନିୟମ ମାନିବା, ସୁରକ୍ଷା ଉପକରଣ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ପାଇଁ ସେମାନଙ୍କୁ ସଚେତନ କରାଯାଇଥିଲା।

ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅଶୋକ କୁମାର ଗିରିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ ଯୋଗଦେଇ ନିଶାସେବନ କରି ଗାଡ଼ି ଚଳାଇଲେ ଜେଲଦଣ୍ଡ ହେବ ବୋଲି ସତର୍କ କରାଇଥିଲେ। ଆରଟିଓ ପ୍ରଣୟ ମିଶ୍ର, ଜିଲା ସଡ଼କ ସୁରକ୍ଷା କମିଟି ସଭ୍ୟ ବିରଞ୍ଚି ନାରାୟଣ ପାଣି, ପ୍ରଦ୍ୟୁମ୍ନ ରଥ, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଉପସଭାପତି ଅଥୟ କୁମାର ସାହୁ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଏମ୍‌ଭିଆଇ ଦେବାଶିଷ ସ୍ୱାଇଁଙ୍କ ସମେତ ଏନ୍ଏଚ୍ଏଆଇ, ପୂର୍ତ୍ତ ବିଭାଗ ଏବଂ ପୋଲିସ ପ୍ରଶାସନର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

### ରାଜସ୍ୱ ଆଦାୟରେ ସୀତାଂଶୁ ଶ୍ରେଷ୍ଠ

ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଟ୍ରାଫିକ୍ ଇନ୍ସପେକ୍ଟର (ଟିଆଇ) ସୀତାଂଶୁ ରଞ୍ଜନ ବେହେରା ଯାନବାହନ ଯାଞ୍ଚ କରି ଜରିମାନା ଆଦାୟରେ ରାଜ୍ୟସ୍ତରରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ଢେଙ୍କାନାଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ନିଷ୍ଠା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଥିବାରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ବର୍ଷକୁ ବର୍ଷ ମୃତ୍ୟୁସଂଖ୍ୟା ବଢୁଛି

ଢେଙ୍କାନାଳ ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଅତି ଉଦ୍‌ବେଗଜନକ ଥିବା ତଥ୍ୟ କହୁଛି। ୨୦୨୧ରେ ମଧ୍ୟରେ ବିଭିନ୍ନ ସ୍ଥାନରେ ୩୬୭ଟି ଦୁର୍ଘଟଣା ଘଟି ୧୩୯ ଜଣଙ୍କ ମୃତ୍ୟୁ ଘଟିଥିଲା। ୩୬୮ଜଣ ଆହତ ହୋଇଥିଲେ। ୨୦୨୨ରେ ୪୬୧ଟି ଦୁର୍ଘଟଣାରେ ୨୦୫ ଜଣଙ୍କ ପ୍ରାଣହାନି ଘଟିଥିଲା। ୩୩୮ ଜଣ ଆହତ ହୋଇଥିଲେ। ୨୦୨୩ ଜାନୁୟାରୀରୁ ମାର୍ଚ୍ଚ ୧୫ ସୁଦ୍ଧା ୭୭ଟି ଦୁର୍ଘଟଣାରେ ୩୮ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୧୧୯ ଜଣ ଗୁରୁତର ହୋଇଛନ୍ତି। ତେବେ ବ୍ୟସ୍ତବହୁଳ ସଡ଼କରେ ଦୁର୍ଘଟଣା ହାର ବଢ଼ିବା ଚିନ୍ତାଜନକ ହୋଇଛି। ୨୦୨୧ରୁ ୫୩ନଂ. ଓ ୫୫ନଂ ଜାତୀୟ ରାଜପଥରେ ୯୮, ରାଜ୍ୟ ରାଜପଥରେ ୧୪୬ ଏବଂ ଅନ୍ୟାନ୍ୟ ସଡ଼କରେ ୧୨୩ ଦୁର୍ଘଟଣା ଘଟିଥିଲା। ଅନୁରୂପ ଭାବେ ୨୦୨୨ରେ ଜାତୀୟ ରାଜପଥରେ ୧୯୪, ରାଜ୍ୟ ରାଜପଥରେ ୧୧୩ ଏବଂ ଅନ୍ୟାନ୍ୟ ସଡ଼କରେ ୧୫୪ ଦୁର୍ଘଟଣା ଘଟିଥିଲା। ୨୦୨୩ ଜାନୁୟାରୀରୁ ମାର୍ଚ୍ଚ ୧୫ ମଧ୍ୟରେ ଜାତୀୟ ରାଜପଥରେ ୩୯, ରାଜ୍ୟ ରାଜପଥରେ ୧୨ ଏବଂ ଅନ୍ୟ ରାସ୍ତାରେ ୨୬ ଦୁର୍ଘଟଣା ଘଟିଥିବା ସୂଚନା ଦିଆଯାଇଛି।

### କ୍ଷମା ମାଗିଲେ ଏନ୍ଏଚ୍ଏଆଇ ପିଡି

ଢେଙ୍କାନାଳ ଜିଲାରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବିତ ହେବାରେ ଲାଗିଛି। ଫଳରେ ଦୁର୍ଘଟଣା ଘଟି ଅକାଳରେ ଧନଜୀବନ ହାନି ହେଉଛି। ପ୍ରତିଶ୍ରୁତି ଅନୁଯାୟୀ ଧାର୍ଯ୍ୟ ସମୟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସରି ନ ଥିବାରୁ ଏଥିପାଇଁ କ୍ଷମା ମାଗିବା ସହ ଦୁଃଖ ପ୍ରକାଶ କରିଛନ୍ତି ଢେଙ୍କାନାଳ ଏନ୍ଏଚ୍ଏଆଇର ନୂତନ ପିଡି ସଞ୍ଜୟ ଚାହ୍ନା। ସେ କହିଛନ୍ତି, ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ନେଇଥିବା ଠିକାସଂସ୍ଥା ଦେବାଳିଆ ହୋଇଯିବା ପରେ ନୂଆରେ ୩ ଠିକାସଂସ୍ଥାକୁ କାମ ଦିଆଯାଇଛି। ସେମାନେ କଟକରୁ ଢେଙ୍କାନାଳ ଦେଇ ଅନୁଗୋଳ ପର୍ଯ୍ୟନ୍ତ ରାସ୍ତାକାମକୁ ଦୁଇଟି ପ୍ୟାକେଜ୍‌ରେ କରୁଛନ୍ତି। ଆସନ୍ତା ଜୁନ୍ ୩୦ ସୁଦ୍ଧା କାମ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଉଦ୍ୟମ କରାଯାଉଛି। ଅବଶିଷ୍ଟ ବ୍ରିଜ୍, ଓଭରବ୍ରିଜ୍ ଭଳି କନ୍‌ଷ୍ଟ୍ରକ୍ସନ କାମ ଡିସେମ୍ବର ଶେଷ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଶାସନ ସହଯୋଗରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ହାତୀ ଚଳପ୍ରଚଳନ ପାଇଁ ଅଣ୍ଡରପାସ୍ ନିର୍ମାଣ କରାଯିବ ବୋଲି ଏନ୍ଏଚ୍ଏଆଇ ପିଡି ସୂଚନା ଦେଇଛନ୍ତି।

## ଜବତ ଗଞ୍ଜେଇ, ବ୍ରାଉନ୍‌ସୁଗାର ନଷ୍ଟ କରାଗଲା



**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ ଜିଲା ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଜବତ ଗଞ୍ଜେଇ, ହେରୋଇନ ଏବଂ ବ୍ରାଉନ୍ ସୁଗାରକୁ ଶୁକ୍ରବାର ନଷ୍ଟ କରାଯାଇଛି। ଏଥିଲାଗି ଜିଲା ଦୌରାଜଜ୍‌ଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଅନୁଗୋଳ ଜିଲା ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ଏସ୍‌ପିଙ୍କ ଉପସ୍ଥିତିରେ ୧୯୧.୭୬୪ କେଜି ଗଞ୍ଜେଇ ଏବଂ ୩୯.୧ ଗ୍ରାମ ବ୍ରାଉନସୁଗାର ଓ ହେରୋଇନ ନଷ୍ଟ କରାଯାଇଛି। ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ, ଟାଉନ ଥାନା ଅତିରିକ୍ତ ଅଧିକାରୀ କଳ୍ପନା ବେହେରା, ସଦର ଥାନାଧିକାରୀ ପ୍ରଦୀପ ପ୍ରଧାନ, ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟର ପ୍ରଥମ ଜିଲା ଭାବେ ଢେଙ୍କାନାଳର ବିଭିନ୍ନ ଫାଣ୍ଡି ଏବଂ ଥାନାର ମାଲ୍‌ଖାନାରେ ଜବତ ହୋଇ ରହିଥିବା ନିଶା ସାମଗ୍ରୀକୁ ସୁରକ୍ଷିତ ଭାବେ ନଷ୍ଟ କରାଯାଇଛି। ଏହାକୁ ନେଇ ଭୁବନେଶ୍ୱର ଏସ୍‌ଟିଏଫ୍ ଆଇଜି ସନ୍ତୋଷ ବ୍ୟକ୍ତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ମନ୍ଦିର ସୁପରିଚାଳନା ନିଷ୍ପତ୍ତି

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ ଖମାରସାହି ଅଞ୍ଚଳରେ ଥିବା ଦେବାଳୟଗୁଡ଼ିକର ସୁପରିଚାଳନା ଓ ବିକାଶ କରିବା ଲାଗି ନବଗଠିତ ଅନ୍ନପୂର୍ଣ୍ଣା ଚାରିଟେବୁଲ ଟେମ୍ପୁଲ ଟ୍ରଷ୍ଟ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତ ଏକ ବୈଠକ ଖମାରସାହି ଲକ୍ଷ୍ମୀପୂଜା ମଣ୍ଡପ ପରିସରରେ ଟ୍ରଷ୍ଟ ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟରେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ବ୍ୟକ୍ତିଙ୍କୁ ୧୦୦୦ ଟଙ୍କା ଦେବାକୁ ପଡ଼ିବ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକାରୀ ସଭାପତି ବସନ୍ତ ରଥ ଟ୍ରଷ୍ଟର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ସୁଶାନ୍ତ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଚକ୍ରଧର ରାଉତ, ଉପସଭାପତି ଦୀପକ ମିଶ୍ର, ପ୍ରେମାନନ୍ଦ ପ୍ରଧାନ, ପ୍ରଶାନ୍ତ ରାଉତ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ବଳରାମ ବାରିକ, ଯୁଗ୍ମ ସମ୍ପାଦକ ସୁଶାନ୍ତ ସ୍ୱାଇଁ, କାର୍ଯ୍ୟାଳୟ ସମ୍ପାଦକ ଭଗବାନ ବେହେରା, ଯୁଗ୍ମ କାର୍ଯ୍ୟାଳୟ ସମ୍ପାଦକ ସର୍ବେଶ୍ୱର ପ୍ରଧାନ, ଗୌରୀଶଙ୍କର ମିଶ୍ର, ସୁରେଶ ଜେନା, ସର୍ବେଶ୍ୱର ପତ୍ରୀ, ପ୍ରଭାତ ସାହୁ, ସୁଜାତା ନନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବୋର୍ଡକୁ ଅର୍ଥ ଓ ଜମିଦାନ କରିଥିବା ଗଣେଶ ବଜାରର ପ୍ରସିତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପୁଣି ବିଏସ୍‌କେୱାଇରେ ଅନିୟମିତତା

■କାର୍ଡଧାରୀଙ୍କଠାରୁ ଟଙ୍କା ନେଇ ଚିକିତ୍ସା ଅଭିଯୋଗ
■ଘରୋଇ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ବିଭାଗର ତନାଘନା

**ଢେଙ୍କାନାଳ ଅଫିସ, ୨୪।୩**


ଦିଶା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ।

ଢେଙ୍କାନାଳ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଗୋଟିଏ ପରେ ଗୋଟିଏ ଅନିୟମିତତା ଧରାପଡୁଛି। କାର୍ଡଧାରୀଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କଡ଼ା ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ ଘରୋଇ ହସ୍ପିଟାଲ ମାନୁନାହାନ୍ତି। ରୋଗୀଙ୍କୁ ଶୋଷଣ କରିଥିବା ଅଭିଯୋଗରେ ନିକଟରେ 'ପଣ୍ଡା ନର୍ସିଂ ହୋମ୍'କୁ ସିଲ୍ କରାଯାଇଥିଲା। ଏବେ ଜିଲାପାଳଙ୍କ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ଥିବା 'ଦିଶା ହସ୍ପିଟାଲ୍' ବିରୋଧରେ ଅନୁରୂପ ଅଭିଯୋଗ ଆସିବା ପରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଛି।

ଅଭିଯୋଗରୁ ଜଣାପଡ଼ିଛି, କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଗ୍ରାମର ଛବିଳ କୁମାର ସାହୁ ଉକ୍ତ ଘରୋଇ ଚିକିତ୍ସାଳୟରେ ଗତ ଜାନୁୟାରୀରେ ହାତ ଅପରେଶନ କରିଥିଲେ। ବିଏସ୍‌କେୱାଇ କାର୍ଡଧାରୀ ହୋଇଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ତାଙ୍କଠାରୁ ୨୧,୦୦୦ ଟଙ୍କା ଦାବି କରିଥିଲେ। ଛବିଳ ଏହାର ପ୍ରତିବାଦ କରିଥିଲେ। ହେଲେ ସରକାର ଯେତିକି ଟଙ୍କା ଦେଉଛନ୍ତି, ସେଥିରେ ଅପରେଶନ ହେବନାହିଁ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ତେବେ ଛବିଳ ୯,୫୦୦ ଟଙ୍କା ଦେଇ ଘରକୁ ଫେରିଥିବା କହିଛନ୍ତି। ଏହି ଘଟଣା ଜିଲାପାଳଙ୍କ ନଜରକୁ ଆସିବା ପରେ 'ଦିଶା ନର୍ସିଂହୋମ୍'ରେ ଚଢ଼ାଉ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାଶ ବିଏସ୍‌କେୱାଇ ସମ୍ପର୍କିତ ସମସ୍ତ ଫାଇଲ ଯାଞ୍ଚ କରିଥିଲେ। ମାଜିଷ୍ଟ୍ରେଟ୍ ଭାବେ ଜିଲା କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସୌଦାମିନୀ ସାହୁ ଉପସ୍ଥିତ ଥିଲେ।

ଏ ସଂକ୍ରାନ୍ତରେ ସିଡିଏମ୍‌ଓ କୁହନ୍ତି, କାଗଜପତ୍ର ଯାଞ୍ଚ ପରେ ରୋଗୀଙ୍କୁ ପଚରାଉଚରା କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଜିଲାପାଳ କୁହନ୍ତି, ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦିଶା ହସ୍ପିଟାଲର ପରିଚାଳକ ଚିତ୍ତରଞ୍ଜନ ମହାପାତ୍ର କୁହନ୍ତି, ସମ୍ପୃକ୍ତ ରୋଗୀଙ୍କଠାରୁ କ୍ୟାବିନ୍ ଚାର୍ଜ ବାବଦକୁ ୯,୫୦୦ ଟଙ୍କା ରଖିଥିଲୁ। ସିଡିଏମ୍‌ଓଙ୍କୁ ସବୁ ସତକଥା କହିଥିବା ସେ ସୂଚନା ଦେଇଛନ୍ତି।

## ସାର ଦୋକାନରେ ଅଗ୍ନିକାଣ୍ଡ

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ କାଞ୍ଚନବଜାରସ୍ଥିତ 'ମହାଲକ୍ଷ୍ମୀ କୃଷି ଭେଣ୍ଡର'ରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ୧୦ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁ ଲକ୍ଷ ଟଙ୍କାର ସାର, କୀଟନାଶକ ସମେତ ବିକ୍ରି ପାଇଁ ରଖାଯାଇଥିବା ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି। ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଦୋକାନର ମାଲିକ ପତିତପାବନ ସାହୁଙ୍କ କହିବା କଥା, ହଠାତ୍ ଦୋକାନରେ ନିଆଁ ଲାଗି ଚାରିଆଡ଼କୁ ବ୍ୟାପି ଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ ୪ ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।



## ପାଲା ମାଧ୍ୟମରେ ଜୀବେ ଦୟା ବାର୍ତ୍ତା

**ସାତମାଇଲ, ୨୪।୩(ଡି.ଏନ.ଏ.)**


ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାନହିନ୍ଦୋଳ ଭାଗବତ ମନ୍ଦିର ନିକଟରେ ଜୀବେ ନିଷ୍ଠୁରତା ନିରୋଧୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାଲା ମାଧ୍ୟମରେ ଜୀବେ ଦୟାର ବାର୍ତ୍ତା ପ୍ରଚାର କରାଯାଇଥିଲା। ପ୍ରାଣୀଙ୍କ ଉପରେ ନିର୍ଯାତନା ବନ୍ଦ, ବେଆଇନ ଗୋ–ଚାଲାଣ ରୋକିବା ନେଇ ଆଗେଇ ଆସିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ଖରିଡାଳି ଗ୍ରାମର ପାଲା ଗାୟକ ଧ୍ରୁବ ଚରଣ ବିଶ୍ୱାଳ ଏବଂ ସାଥୀମାନେ ଚିତ୍ତାକର୍ଷକ ପାଲା ପରିବେଷଣ କରିଥିଲେ। ହିନ୍ଦୋଳ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଧିକାରୀ ଅନ୍ତର୍ଯ୍ୟାମୀ ବାରିକ, ଖଜୁରିଆକଟା ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରଜ୍ଞାସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ କର୍ମଚାରୀ ସନ୍ତୋଷ ଭୁକ୍ତା, ମାନସ ସାହୁ, ଗ୍ରାମର ବରିଷ୍ଠ ସଦସ୍ୟ ମଙ୍ଗରାଜ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ରାହୁଲଙ୍କୁ ଜିଲା କଂଗ୍ରେସର ସମର୍ଥନ

**ଢେଙ୍କାନାଳ ଅଫିସ, ୨୪।୩**

'ସବୁ ମୋଦି ଚୋର' ମନ୍ତବ୍ୟ ଦେଇ ୨ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ହେବା ପରେ ଲୋକ ସଭା ଏମ୍‌ପି ପଦ ହରାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ତେବେ ଏହା କେନ୍ଦ୍ରର ମୋଦି ସରକାରଙ୍କ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ଢେଙ୍କାନାଳ ଜିଲା କଂଗ୍ରେସ। ଶୁକ୍ରବାର ଦଳର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ନେତୃବୃନ୍ଦ ପ୍ଲାକାର୍ଡ ଧରି ରାହୁଲ ଗାନ୍ଧୀଙ୍କୁ ନୈତିକ ସମର୍ଥନ ଜଣାଇଛନ୍ତି। ଏଥିସହ ଦୁର୍ନୀତିଗ୍ରସ୍ତ କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସର ଲଢ଼େଇ ଜାରି ରହିବ ବୋଲି ସେମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ମୁଖପାତ୍ର ପ୍ରେମଶଙ୍କର ମିଶ୍ର, ଏଆଇସିସି ସମ୍ପାଦିକା ସସ୍ମିତା ବେହେରା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ଛାତ୍ର ସଭାପତି ଶୁଭମ୍ ଦାସ, ଟାଉନ ସଭାପତି ହାଇଦର ମହମ୍ମଦ, ବରିଷ୍ଠ ନେତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସୁନୀଲ ଦାଶ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ଶିଳ୍ପୀଶ୍ରୀ ହରିଚନ୍ଦନ, ରୁବିନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ।


ରାହୁଲ ଗାନ୍ଧୀଙ୍କ ସମର୍ଥନରେ କଂଗ୍ରେସ କର୍ମକର୍ତ୍ତାଙ୍କ ପ୍ଲାକାର୍ଡ ପ୍ରଦର୍ଶନ।

## ୪ ମାତୃ ମୃତ୍ୟୁ: ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

■ଅସନ୍ତୋଷ ଝାଡ଼ିଲେ ଜିଲାପାଳ
■୪ ସ୍ୱାସ୍ଥ୍ୟ ଅନୁଷ୍ଠାନ ପାଇଁ ୧୩ କୋଟି ମଞ୍ଜୁର

**ଢେଙ୍କାନାଳ ଅଫିସ, ୨୪।୩**


ବୈଠକରେ ଜିଲାପାଳଙ୍କ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ।

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ମିଶନ ଏବଂ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ନିକଟ ଅତୀତରେ ଜିଲାରେ ୪ ମାତୃମୃତ୍ୟୁ ଅଭିଯୋଗ ହୋଇଥିଲା। ଏହାର ସମୀକ୍ଷା କରି ଜିଲାପାଳ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। 'ଆମ ହସ୍ପିଟାଲ ଯୋଜନା'ରେ ଜିଲାର ୪ ସ୍ୱାସ୍ଥ୍ୟ ଅନୁଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ ଅନୁଦାନ ଅର୍ଥ ଜିଲା ମୁଖ୍ୟ ଚିକିତ୍ସାଳୟ, ହିନ୍ଦୋଳ, କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନିଯୋଗ କରାଯିବ ବୋଲି ସୂଚନା ଦିଆଯାଇଛି।

ସୁରକ୍ଷିତ ମାତୃତ୍ୱ ପାଇଁ ଭିଲେଜ ହେଲ୍‌ଥ ଆଣ୍ଡ ନ୍ୟୁଟ୍ରିଶନ ଡେ' ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଦିବସ ପାଳନ କରାଯାଉଛି। ଉକ୍ତ ଦିବସଗୁଡ଼ିକରେ ଗର୍ଭବତୀ ମହିଳାଙ୍କ ସ୍କ୍ରିନିଂ ଠିକ୍ ଭାବେ କରିବାକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ରୋଗୀ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ବୈଠକ ଆୟୋଜନ କରିବା, ଜନ ପ୍ରତିନିଧି, ଜିଲା ପ୍ରଶାସନର ସହଯୋଗରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା, ମେଡିକାଲରେ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ଶିକ୍ଷାନୁଷ୍ଠାନର ୧୦୦ ଗଜ ମଧ୍ୟରେ ଗୁଟ୍‌ଖା ଏବଂ ମାଦକଦ୍ରବ୍ୟ ବିକ୍ରି ହେଉଥିବା ନଜରକୁ ଆସିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ୧୫ତମ ଫାଇନାନ୍ସ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନର ଭିତ୍ତିଭୂମି ପର୍ଯ୍ୟାୟକ୍ରମେ ରୂପାନ୍ତର ହେବ। ଜିଲାର ଅଧିକରୁ ଅଧିକ ଡାକ୍ତରଖାନା ଯେପରି କାୟାକଳ୍ପ ପୁରସ୍କାର ହାତେଇବେ, ସେ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବସ୍‌ରେ ଆସି ସ୍କୁଟି ନେଇ ଚମ୍ପଟ

ଅନୁଗୋଳ ଅଫିସ, ୨୪।୩- ଅଭିନବ ଉପାୟରେ ଅନୁଗୋଳ ସହରରୁ ସ୍କୁଟି ଚୋରି କରାଯାଇଛି। ଦୁର୍ବୃତ୍ତ ଜଣକ ବସ୍‌ରେ ଆସି ସହରରେ ଓହ୍ଲାଇବା ସହ ସୁଯୋଗ ଦେଖି ସ୍କୁଟି ନେଇ ଛୁ ମାରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ଅନୁଗୋଳ ସରକାରୀ ବସ୍‌ଷ୍ଟାଣ୍ଡରେ ଏପରି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଅନୁଗୋଳ ସରକାରୀ ବସ୍‌ଷ୍ଟାଣ୍ଡରେ ହେମସୁରପଡ଼ା ଅଞ୍ଚଳର ରାଜବଲ୍ଲଭ ମହାନ୍ତି ତାଙ୍କ ସ୍କୁଟି (ନଂ. ଓଡି୧୯କ୍ୟୁ- ୦୪୫୧) ରଖିଥିଲେ। ତେବେ କେହି ଦୁର୍ବୃତ୍ତ ଉକ୍ତ ସ୍କୁଟିକୁ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ରାଜବଲ୍ଲଭ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୧୪୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଯାଞ୍ଚ କରିବାରୁ ଦୁର୍ବୃତ୍ତଙ୍କ ବିଷୟରେ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ଗାଡ଼ି ଚୋରି କରିଥିବା ଦୁର୍ବୃତ୍ତ ଜଣକ ବସ୍‌ରୁ ଓହ୍ଲାଇଥିଲେ। ଆଉ ଆଖପାଖ ଅଞ୍ଚଳରେ ଟିକେ ନଜର ପକାଇବା ପରେ ସିଧାସଳଖ ସ୍କୁଟି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ଏହି ମାମଲାରେ ତଦନ୍ତ କରୁଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୧୯୩୩ଙ୍କୁ ମିଳିଛି ଶହେ ଦିନର କାମ

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଆବାସ ଯୋଜନା ୨୦୨୨-୨୩ ବର୍ଷର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତ୍ରିବିକ୍ରମ କୁମୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣିରେ ଅନୁଗୋଳ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ଓ ବ୍ଲକ ଏଫଇଓ ସାଗରିକା ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହାପରେ ସହକାରୀ କାର୍ଯ୍ୟକ୍ରମ ଅଧିକ୍ଷ ତଥା



ବ୍ଲକସ୍ତରୀୟ ଜନଶୁଣାଣିରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ ୨୦୨୨-୨୩ ଆର୍ଥିକ ବର୍ଷର କାର୍ଯ୍ୟ କରାଯାଇଥିବା ବିଭିନ୍ନ ପ୍ରକଳ୍ପର ବ୍ୟୟ ଅଟକଳ ଉପସ୍ଥାପନା କରିବା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା କରିଥିଲେ। ୨୦୨୨-୨୩ଆର୍ଥିକ ବର୍ଷରେ ୨୫ କୋଟି ୮୮ ଲକ୍ଷ ୧୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୧ ହଜାର ୯୩୩ ଜଣଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି। ୯ ଲକ୍ଷ ୭୬ ହଜାର ୪୦ ଜଣଙ୍କୁ ଗତ ଆର୍ଥିକ ବର୍ଷରେ କାମ ଯୋଗାଇ ଦିଆଯାଇଛି। ୩୪ଟି ପଞ୍ଚାୟତରେ ୧୪ କୋଟି ୬୮ ଲକ୍ଷ ୬୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଛେଣ୍ଡିପଦା ପଞ୍ଚାୟତ ସମିତି ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ୪ କୋଟି ୪୭ ଲକ୍ଷ ୪୬ ହଜାର ଟଙ୍କା, ବନବିଭାଗ ପକ୍ଷରୁ ୬୫ ଲକ୍ଷ, ୱାଟର ସେଡ୍ ବିଭାଗ ପକ୍ଷରୁ ୫ କୋଟି ୬୩ ଲକ୍ଷ ୯୩ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ପାତ୍ରପଡା ଓ ଟାଙ୍ଗିର ପଞ୍ଚାୟତରେ ୱାଟର ଶେଡ୍ ପକ୍ଷରୁ କୌଣସି କାଗଜପତ୍ର ପଇଠ କରାଯାଇ ନ ଥିବାରୁ ଶିବିରରେ ଅତିରିକ୍ତ ଜିଲାପାଳ ପ୍ରଧାନ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଜନଶୁଣାଣିରେ ବ୍ଲକର ୩୪ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସାମାଜିକ ସୁରକ୍ଷା ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗ, ଜଳଛାୟା ପ୍ରକଳ୍ପ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଯକ୍ଷ୍ମା ଚିକିତ୍ସା ଉପରେ ଆଲୋକପାତ

**ଅନୁଗୋଳ ଅଫିସ,୨୪।୩**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ବୈଠକରେ ଯକ୍ଷ୍ମା ରୋଗର କାରଣ, ନିରାକରଣ, ପ୍ରତିକାର ଓ ଚିକିତ୍ସା ଉପରେ ଆଲୋଚନା କରାଯାଇଥିଲା। ଯକ୍ଷ୍ମା ରୋଗ ମୁଖ୍ୟତଃ ଫୁସ୍‌ଫୁସକୁ ଆକ୍ରାନ୍ତ କରିଥାଏ। କିନ୍ତୁ ଏହା ନଖ ଓ ଚୁଟିକୁ ଛାଡି ଶରୀରର ଅନ୍ୟ ଅଙ୍ଗକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ଜିଲା ଯକ୍ଷ୍ମା ଅଧିକାରୀ ଡା. ବିଶ୍ୱ ବିହାରୀ ମହାନ୍ତି ପ୍ରକାଶ କରିଥିଲେ। ଆସନ୍ତା ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଭାରତ ଗଠନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବୈଠକରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ମେଡିକାଲ) ଡା. ମାନସ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦଗାତା, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଜିଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ ମହାନ୍ତି, ବିଭାଗୀୟ ଅଧିକାରୀ, ନର୍ସିଂ ଛାତ୍ରୀ ଓ ପାରାମେଡିକାଲ ଷ୍ଟାଫ ଯୋଗ ଦେଇଥିଲେ।



ସହର ପରିକ୍ରମା କରୁଛି ସଚେତନତା ଯାତ୍ରା।

# ଚକାଡୋଲା କପ୍ ଉଦ୍‌ଘାଟିତ

**ଅନୁଗୋଳ ଅଫିସ,୨୪।୩**

ଅନୁଗୋଳ ବିଜୁ ମଇଦାନରେ ଶୁକ୍ରବାର ଚକାଡୋଲା କପ୍ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ରୟାଲ ମାଷ୍ଟର୍ସ କ୍ଲବ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଫ୍ଲଡ୍ ଲାଇଟ କ୍ରିକେଟ ପ୍ରତିଯୋଗିତାକୁ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗରପାଳ ଶକ୍ତିପ୍ରସାଦ ପଟ୍ଟନାୟକ, କରଣ ସିଂ, ସିକ୍ୟୁରିଟି ଗ୍ରୁପ୍ ମୁଖ୍ୟ ଭବାନୀ ଶଙ୍କର ନାୟକ, କାଞ୍ଚନ ସେରାମିକ ପରିଚାଳନା ନିର୍ଦ୍ଦେଶକ ଦିନେଶ ନନ୍ଦ, ଅନିଲ ପ୍ରଧାନ, ପତିତପାବନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଲୁଟୁ ୱାରିୟର୍ସ ଓ ବ୍ରାଇଟ ରେଡ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଲୁଟୁ ୱାରିୟର୍ସ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ହମାମିରା ଏମ୍‌ଜିସିସି ଓ ଅନୁଗୋଳର କ୍ରିକେଟ ଏଣ୍ଟରଟେନର ମଧ୍ୟ ଖେଳାଯାଇଥିଲା। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଗ୍ରୁପ୍ ମ୍ୟାଚ ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୩ଟି ମ୍ୟାଚ ଖେଳାଯିବ। ଫ୍ଲଡ ଲାଇଟ୍‌ରେ ହେଉଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବଛାବଛା ୮ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୨୬ ତାରିଖରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଖେଳାଯିବ। ଅନୁଗୋଳ ରୟାଲ ମାଷ୍ଟର୍ସ କ୍ଲବ ପକ୍ଷରୁ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲାବେଳେ କ୍ଲବ ସଭାପତି କମଳାକାନ୍ତ ସାହୁ, ଉପସଭାପତି ସୌମ୍ୟରଞ୍ଜନ ସାହୁ, ସମ୍ପାଦକ ଆଦର୍ଶ ସାହୁ ଓ ସହ ସମ୍ପାଦକ ଚନ୍ଦନ କୁମାର ସାହୁ ଏହାକୁ ପରିଚାଳନା କରୁଛନ୍ତି।


ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

## ଗଣ୍ଡଗୋଳ ଅଭିଯୋଗରେ ୨ ଗିରଫ

**ଅନୁଗୋଳ ଅଫିସ, ୨୪।୩**

ଅନୁଗୋଳ ଥାନା କଳିଙ୍ଗ ମାର୍କେଟ ଅଞ୍ଚଳରେ ଗଣ୍ଡଗୋଳ କରି ୨ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ହୁଲୁରିସିଂହା ଘାସିସାହି ଅଞ୍ଚଳର ବିଶାଳ ବେହେରା(୨୩) ଓ ନାଥ ମୁଖୀ(୧୯)। ଅନୁଗୋଳ ଥାନାରେ ଆକାଶ ଭୋଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୪୧/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିବା ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଆକାଶ ଓ ତାଙ୍କ ବନ୍ଧୁ ଏକ ସଂସ୍ଥାରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ଗତ ୨୩ ତାରିଖ ରାତିରେ ଦୁହେଁ ନୂଆମୌଜାସ୍ଥିତ ଘରକୁ ଫେରୁଥିବା ସମୟରେ କଳିଙ୍ଗ ମାର୍କେଟରୁ ଫାଷ୍ଟଫୁଡ୍ ନେବାକୁ ଅଟକିଥିଲେ। ଏହି ସମୟରେ ଘାସିସାହିର ୩ ଜଣ ଯୁବକ ଉଭୟଙ୍କୁ ଗାଳିଗୁଲଜ କରିଥିଲେ। ଆକାଶଙ୍କ ବନ୍ଧୁ ବାରଣ କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଅକାଶ ଥାନାରେ ଅଭିଯୋଗ କରିଥିଲେ।

# କେନ୍ଦ୍ର ବିରୋଧରେ ଗର୍ଜିଲା କଂଗ୍ରେସ

**ଅନୁଗୋଳ ଅଫିସ, ୨୪।୩**

ଏକ ମାମଲାରେ ସୁରଟର କୋର୍ଟ ଜାତୀୟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ରାୟ ଆସିବା ପରେ ଅନୁଗୋଳ କଂଗ୍ରେସ ପକ୍ଷରୁ କେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ପ୍ରତିବାଦ କରାଯାଇଛି। କେନ୍ଦ୍ର ସରକାର ସିବିଆଇ, ଇଡି ଓ ନ୍ୟାୟପାଳିକାକୁ ତାଙ୍କ ବିରୋଧୀମାନଙ୍କ ବିରୋଧରେ ଯେଉଁଭଳି ବ୍ୟବହାର କରୁଛନ୍ତି, ତାହାର ପ୍ରତିବାଦରେ ଶୁକ୍ରବାର ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଥିଲା। ଏହି ସଭାରେ କଂଗ୍ରେସ ନେତା ଜୟନ୍ତ କୁମାର ସାହୁ, ପ୍ରବୋଧ କୁମାର ସ୍ୱାଇଁ, ଧର୍ମେନ୍ଦ୍ର ନାଥ ମିଶ୍ର, ଜିତେନ୍ଦ୍ର କୁମାର ସାହୁ, ତପସ୍ୱିନୀ ବିଶ୍ୱାଳ, ସୁଦୀପ ମିଶ୍ର, ଅଳକା ମହାପାତ୍ର, ଭଗବାନ ମହାନ୍ତି, ଲୁଟୁ ରଞ୍ଜନ ଥାପା, ଅଭିଷେକ ନାୟକ, ନୀଳକଣ୍ଠ ନାଏକ, ଅମୂଲ୍ୟ ବେହେରା, ଚିତ୍ତରଞ୍ଜନ ନାଏକ, ତ୍ରିନାଥ ସାହୁ, ସିଲୁ ସାହୁ, ରାକେଶ ମିଶ୍ର, ଭକ୍ତି ନାୟକ, ମନତ ରାଉତ, ବିରେନ ସାହୁ, ସୌମ୍ୟ ରଞ୍ଜନ ବେହେରା, ଶୁଭମ ସାହୁ, ଗୁଡୁ ବେହେରା, ରାହୁଲ ସାହୁ, ଗୋପାଳ ଚନ୍ଦ୍ର ନାଥ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ଅଂଶ ଗ୍ରହଣ କରିଥିଲେ।


ଜିଲା କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଋଣର ଉଚିତ ବିନିଯୋଗ ଉପରେ ଗୁରୁତ୍ୱ

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଗାଁ ସେବା ସମବାୟ ସମିତିରେ ଶୁକ୍ରବାର ବ୍ୟାଙ୍କ ସେବା ଓ ଋଣ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ରୋଦନା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ଶାଖାର ସୁପରଭାଇଜର କାମାକ୍ଷାପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ କଣଲୋଇ ସରପଞ୍ଚ ଜନ୍ମେଜୟ ମାଝି, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଗୋଲାପ ଚାନ୍ଦ ବେହେରା, ସମବାୟ ସମିତି ସମ୍ପାଦକ ବିନୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷୀମାନେ କିପରି ବ୍ୟାଙ୍କରୁ ନେଉଥିବା ଋଣର ସଦ୍‌ଉପଯୋଗ କରିବେ ସେ ନେଇ ଅତିଥିମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କ ଉନ୍ନତି ନିମନ୍ତେ ୧ ଲକ୍ଷ ଟଙ୍କା ବିନା ସୁଧରେ ଏବଂ ୧ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨ ପ୍ରତିଶତ ସୁଧରେ ଋଣ ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ସମିତିର ସମସ୍ତ ନିର୍ଦ୍ଦେଶକ, ମହିଳା ଗୋଷ୍ଠୀ ଓ ଚାଷୀମାନେ ଯୋଗ ଦେଇଥିଲେ।


କର୍ମଶାଳାରେ ଉପସ୍ଥିତ ପ୍ରତିନିଧି ଓ ଅଧିକାରୀମାନେ।

# ବାଲ୍ୟବିବାହ ଆଇନ ସମ୍ମତ ନୁହେଁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଆଠମଲ୍ଲିକ, ୨୪।୩ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସଭାଗୃହରେ ବିଶ୍ୱ ଯୁବକେନ୍ଦ୍ର, ଚାଇଲ୍ଡ ଲାଇନ ଅନୁଗୋଳ, କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ, ସମନ୍ୱିତ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବାଲ୍ୟ ବିବାହ ନିରୋଧ ସମ୍ବନ୍ଧୀୟ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତରଣୀ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କହ୍ନର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତରଙ୍ଗିନୀ ମିର୍ଦ୍ଧା, ଏସ୍‌ଆଇ ଚଞ୍ଚଳା ନାୟକ, ଚାଇଲ୍ଡ ଲାଇନ ଓ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହ ନିରାକରଣ ଉପରେ ମତାମତ ଦେବା ସହିତ ବାଲ୍ୟ ବିବାହ ଆଇନ ସମ୍ମତ ନୁହେଁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ବାଳିକାମାନେ ଉପସ୍ଥିତ ଥିଲେ। ଶେଷରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାର୍‌ହା ମୃତଦେହ ଜବତ

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ କୋଶଳା ଫରେଷ୍ଟ ସେକ୍ସନର ପଥରନାଳ ଠାରେ ଶିକାର ହୋଇଥିବା ଏକ ବାର୍‌ହା ମୃତଦେହ ବନ ବିଭାଗ ଜବତ କରିଛି। ସୂଚନା ଅନୁଯାୟୀ, ବନପାଳ ଦିଗାମ୍ବର ନାୟକ ଓ ବନରକ୍ଷୀ ସିତୁ ସାହୁ, ସୁପ୍ରଭା ସ୍ୱାଇଁ କୋଶଳା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ପଥରନାଳ ନିକଟରେ ଶିକାରୀମାନେ ଏକ ବାର୍‌ହାକୁ ମାରି ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଘଟଣା ସ୍ଥଳରେ ଚଢ଼ାଉ କରିଥିଲେ। ବନ ବିଭାଗର କର୍ମଚାରୀଙ୍କୁ ଦେଖି ଶିକାରୀମାନେ ଘଟଣାସ୍ଥଳରେ ବାର୍‌ହାକୁ ଛାଡି ଫେରାର ହୋଇଯାଇଥିଲେ। କର୍ମଚାରୀମାନେ ମୃତ ବାର୍‌ହାକୁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ବ୍ୟବଚ୍ଛେଦ କରାଇବା ପରେ ପୋତି ଦେଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ନଂ. ୩୧/୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।



# ରୋଟାରି କ୍ଲବ କାର୍ଯ୍ୟକ୍ରମକୁ ପ୍ରଶଂସା

**ଅନୁଗୋଳ ଅଫିସ, ୨୪।୩**

ରୋଟାରି କ୍ଲବ ଅନୁଗୋଳ ରୟାଲକୁ ପରିଦର୍ଶନରେ ଆସି କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ତଥା ପରିଚାଳନା ସମ୍ବନ୍ଧୀୟ ଆଲୋଚନା କରିଛନ୍ତି ରୋଟାରି ଜିଲା ୩୨୬୨ ଗଭର୍ଣ୍ଣର ପ୍ରଭୁଦତ୍ତ ସୁବୁଦ୍ଧି। ଏହି ଅବସରରେ କ୍ଲବ ସଭାପତି ହର ଗୋବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ସାଧାରଣ ସଭା ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଜୟ ପ୍ରକାଶ ମୋଦି ଚଳିତ ବର୍ଷର ସମସ୍ତ କାର୍ଯ୍ୟକ୍ରମ ତଥା ଏହାର ସାମାଜିକ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ରୋଟାରି ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରଶାନ୍ତ ସ୍ୱାଇଁ ଏବଂ ଜିଲା ଗଭର୍ଣ୍ଣର ସୁବୁଦ୍ଧି କ୍ଲବର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ ଏବଂ ସାମାଜିକ କର୍ମୀ ଚିନ୍ମୟୀ ଦାସଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ରୋଟାରି ଜିଲା ଗଭର୍ଣ୍ଣର ନବନିର୍ବାଚିତ ରାଜ୍ୟ ଆଇଏମ୍‌ଏ ସଭାପତି ଡାକ୍ତର ପ୍ରଭାତ କୁମାର ପଣ୍ଡା, ରାଜ୍ୟ ଆଇଡିଏ ସଭାପତି ଡାକ୍ତର ମାଇକେଲ ଜନ ଏବଂ ରାଜ୍ୟ ଆଇଏମ୍‌ଏ ସମ୍ପାଦକ ଡାକ୍ତର ବିଶ୍ୱଜିତ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସଂଘମିତ୍ରା ପାଢ଼ୀ, ପଦ୍ମା ଅଗ୍ରୱାଲ, କିରଣ ଅଗ୍ରୱାଲ, ସରିତା ସାହୁ, ଉର୍ମିଳା ଅଗ୍ରୱାଲ, ମମତା ଚୌଧୁରୀ, ପୂଜା ମୋଦି ପ୍ରମୁଖ ସହାୟତା କରିଥିଲେ। ବାଣୀ ଦେବ ପରିଚାଳନା କରିଥିଲେ। ଡାକ୍ତର ବିଶ୍ୱଜିତ ସାମଲ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ କ୍ଲବ କର୍ମକର୍ତ୍ତାମାନେ।

# ବସୁଧା ଯୋଜନାର ସମୀକ୍ଷାକଲେ ଉପଦେଷ୍ଟା

**ଅନୁଗୋଳ ଅଫିସ, ୨୪।୩**

ଅନୁଗୋଳ ଜିଲାରେ ଓଡ଼ିଶା ସରକାରଙ୍କ ପାନୀୟ ଜଳ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ବସୁଧା ଯୋଜନାର କାର୍ଯ୍ୟକାରିତା ଓ ମେଗା ପାନୀୟ ଜଳ ପ୍ରକଳ୍ପର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସର୍କିଟ ହାଉସ୍ ଠାରେ ଅନୁଷ୍ଠିତ ଏହି ବୈଠକରେ ବସୁଧା ଯୋଜନା (ଗ୍ରାମୀଣ)ର ଉପଦେଷ୍ଟା ଦୀନେଶ ପ୍ରଧାନ ଓ ଉମିଳତା ଦାସଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ବନ୍ଦ ଥିବା କିମ୍ବା ମରାମତି ହେବାକୁ ଥିବା ପ୍ରକଳ୍ପ ଗୁଡିକର ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ବସୁଧା ଯୋଜନାର ଉପଦେଷ୍ଟା ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଛେଣ୍ଡିପଦା ବ୍ଲକର କୋଇଲା ଖଣି ପ୍ରଭାବିତ


ଜିଲା ସର୍କିଟ ହାଉସ୍ ଠାରେ ସମୀକ୍ଷା ବୈଠକରେ ଉପଦେଷ୍ଟାଙ୍କ ସହ ଅଧିକାରୀମାନେ।

ନତଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ପ୍ରଣତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାନୀୟ ଜଳ ବ୍ୟବସ୍ଥାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବସୁଧା ଯୋଜନାର ଉପଦେଷ୍ଟା ପ୍ରଧାନ ଓ ଦାସ ଯୋଗଦେଇ ସମୀକ୍ଷା କରିବା ସହ ପଞ୍ଚାୟତରେ ଥିବା ସମସ୍ତ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିସହିତ ସ୍ଥାନୀୟ ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାପରେ ଉଭୟ ଉପଦେଷ୍ଟା କୋଶଳାଠାରେ ଛେଣ୍ଡିପଦା ବ୍ଲକର ୩୪ଟି ପଞ୍ଚାୟତ ପାଇଁ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିବା ସହିତ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଥିଲେ। ଏହି ସମୟରେ ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗର କର୍ତ୍ତୃପକ୍ଷ ଓ ଏନ୍‌ସିସି କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ତଥା ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ପୁରୁଣା ମାମଲାରେ ୨ ଗିରଫ

**ଅନୁଗୋଳ ଅଫିସ, ୨୪।୩-** ଅନୁଗୋଳ ସଦର ଥାନା ପୋଲିସ ଏକ ପୁରୁଣା ଚୋରି ମାମଲାରେ ୨ ଜଣଙ୍କୁ ଗିରଫ କରିଛି। ନଂ. ୮୬୧/୨୨ରେ ବଲାସିଂହା ଅଞ୍ଚଳର ପ୍ରକାଶ ପ୍ରଧାନ (୩୮) ଓ ହଣ୍ଡାଡ଼ିହ ଅଞ୍ଚଳର ରତ୍ନାକର ନାୟକ (୩୭) ଗିରଫ ହୋଇଛନ୍ତି। ଦୁହିଁଙ୍କ ନାମରେ କୋର୍ଟରୁ ୱାରେଣ୍ଟ ଜାରି କରିବା ପରେ ପୋଲିସ ଶୁକ୍ରବାର ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

### ନାବାଳିକା ନିଖୋଜ ଅଭିଯୋଗ

**ଅନୁଗୋଳ ଅଫିସ, ୨୪।୩:** ଅନୁଗୋଳ ଜିଲା ତାଳଚେର ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ଅଛନ୍ତି। ଏ ନେଇ ତାଳଚେର ଥାନାରେ ନାବାଳିକାଙ୍କ ପରିବାର ଲୋକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୮୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ୨ ଦିନ ତଳୁ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ। ତାଙ୍କୁ ପରିବାର ଲୋକମାନେ ଖୋଜାଖୋଜି କରି ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ସହରବାସୀଙ୍କ ଉତ୍ତମ ଚିକିତ୍ସା ସମ୍ପର୍କରେ ଆଲୋଚନା

**ଅନୁଗୋଳ ଅଫିସ, ୨୪।୩**

ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନ୍ୟାଶନାଲ ଅର୍ବାନ ହେଲ୍‌ଥ ମିଶନ୍ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହରୀ ଲୋକଙ୍କୁ କିଭଳି ଉତ୍ତମମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ ସେ ନେଇ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସହ କେତେଜଣ କାଉନ୍‌ସିଲର ଉପସ୍ଥିତ ଥିଲେ।

ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏ ନେଇ ଆଶାକର୍ମୀଙ୍କ ସହ ସ୍ୱାସ୍ଥ୍ୟ କର୍ମୀମାନେ ଲୋକଙ୍କୁ ସଚେତନ କରିବେ। ସେହିଭଳି ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ ମଧ୍ୟ ଲୋକଙ୍କୁ ଅବଗତ କରିବେ। ପ୍ରତ୍ୟେକ ୱାର୍ଡରେ



କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ପୌରସଂସ୍ଥା ଅଧିକାରୀଙ୍କ ସମେତ ଜନ ପ୍ରତିନିଧିମାନେ।

କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ଗଢ଼ାହେବ। ଲୋକଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ କର୍ମଶାଳା କରାଯାଇ ସଚେତନ କରାଯିବ। ଅନ୍ୟପକ୍ଷରେ ମିଶ୍ରପଡ଼ାରେ ଚାଲିଥିବା ସହରାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥାୟୀ ଗୃହ ହୁଲୁରିସିଂହାଠାରେ ନିର୍ମାଣ ଚାଲିଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିସହ ଅନ୍ୟ ଏକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସହରରେ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ମେଡିକାଲ ନିର୍ମାଣ ହେବା ପରେ ଲୋକଙ୍କୁ ସୁବିଧା ପ୍ରଦାନ କରାଯିବ। ଆସନ୍ତା ବର୍ଷକୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବ ବୋଲି ଆଲୋଚନା ହୋଇଛି। ଅନୁଗୋଳ ସହରରେ ଏବେ ଶହେରେ ୭୦ ଜଣଙ୍କ ନିକଟରେ ମେଦବହୁଳତା ଓ ଉଚ୍ଚ ରକ୍ତଚାପ ରୋଗ ଦେଖିବାକୁ ମିଳୁଛି। ତେଣୁ ଏହାର ମୂଳୋତ୍ପାଟନ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଦବହୁଳତା ଓ ରକ୍ତଚାପ ପରୀକ୍ଷା କରାଯିବାକୁ ସୁବିଧା ପ୍ରଦାନ କରାଯିବ। ଏଥିସହ ପ୍ରତ୍ୟକ ୱାର୍ଡର କାଉନସିଲରମାନଙ୍କୁ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିବାକୁ ଗୁରୁଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ଏହି ବୈଠକରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକାରିତା ସହ ଲୋକଙ୍କୁ କିଭଳି ସୁବିଧା ପ୍ରଦାନ କରାଯିବ ସେ ନେଇ ଅବଗତ କରାଯାଇଥିଲା।

# ନିଶା ବେପାରୀ ମହିଳାଙ୍କୁ ୫ ବର୍ଷ ଜେଲ

**ଅନୁଗୋଳ ଅଫିସ, ୨୪।୩**

ଅନୁଗୋଳ ଜିଲାରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ଜଣେ ମହିଳାଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଅତିରିକ୍ତ ସ୍ୱତନ୍ତ୍ର ଜିଲା ଓ ଦୌରା ଜଜ୍ ରଞ୍ଜିତା ଜ୍ୟୋତିଶି ମାମଲାର ଶୁଣାଣି କରି ଗିରାଙ୍ଗ ଗ୍ରାମର କୁନି ସାହୁ(୩୭)ଙ୍କୁ ୫ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୋଳ ଜିଲାରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ପ୍ରଥମ ଥର ପାଇଁ ଦଣ୍ଡ ବିଧାନ କରାଯାଇଥିବା କୋର୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ବିବରଣୀରୁ ପ୍ରକାଶ ଯେ, ୨୦୨୧ ଅଗଷ୍ଟ ୨୫ରେ ନାଲ୍‌କୋ ଥାନା ଗିରାଙ୍ଗ ତଳସାହି ମଙ୍ଗଳା ମନ୍ଦିର ନିକଟରେ ବ୍ରାଉନସୁଗାର ବ୍ୟବସାୟ ହେଉଥିବା ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଘଟଣାସ୍ଥଳରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନିଶା ବେପାରୀ କୁନିଙ୍କଠାରୁ ୧୦ ଗ୍ରାମର ବ୍ରାଉନସୁଗାର ଓ ୩୭ ହଜାର ୧୦୦ ଟଙ୍କା ଜବତ କରାଯାଇଥିଲା। ଏଥିସହ କୁନିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅନୁଗୋଳ ଅତିରିକ୍ତ ସ୍ୱତନ୍ତ୍ର ଜିଲା ଓ ଦୌରା ଜଜ୍ କୁନିଙ୍କୁ ୫ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଡିଶନାଲ ସ୍ପେଶାଲ ପିପି ମଦନ ମୋହନ ସାହୁ ପରିଚାଳନା କରିଥିଲେ।

**ଅନୁଗୋଳ ଜିଲାରେ ପ୍ରଥମ**

# ସଚେତନ ରହିଲେ ଯକ୍ଷ୍ମା ରୋକାଯାଇପାରିବ

**ବଇଣ୍ଡା,୨୪।୩(ଡି.ଏନ.ଏ.)**

ଯକ୍ଷ୍ମା ଏକ ସଂକ୍ରମଣ ରୋଗ। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ ରୋଗୀ ଆରୋଗ୍ୟ ଲାଭ କରିପାରିବେ ବୋଲି ଶୁକ୍ରବାର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ବିଶ୍ୱଯକ୍ଷ୍ମା ଦିବସରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡାକ୍ତର ବିନୟ ମିଶ୍ର, ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟ କର୍ମଚାରୀ ଅନ୍ତର୍ଯ୍ୟାମୀ ସାହୁ, ଅଧାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ରୁଚିସ୍ମିତା ପରିଡ଼ା, ଶୁଭଶ୍ରୀ ବିଶ୍ୱାଳ, ରୋଜାଲିନ୍ ପ୍ରଧାନ, ବୀଣାପାଣି ସାହୁ ପ୍ରମୁଖ ଯୋଗଦେଇ ଏହି ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ।



ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଯକ୍ଷ୍ମା ବିଷୟରେ ସଚେତନ କରାଉଛନ୍ତି।

# କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା




ସଙ୍ଗଠନ ପକ୍ଷରୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ବଅଁରପାଳ,୨୪।୩(ଡି.ଏନ.ଏ.)**

ନାଲ୍‌କୋ ସିପିପି କାରଖାନାର ସର୍ବପୁରାତନ ସଙ୍ଗଠନ ଆଇଏନ୍‌ଟିୟୁସି ସହବନ୍ଧିତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ କାର୍ଯ୍ୟାଳୟ ଶ୍ରମିକ ଭବନ ପରିସରରେ ସୁଧାକର ସାହୁ, ମୀନକେତନ ସାହୁ, ଗୌରାଙ୍ଗ ଚରଣ ଦାସ, ହାଡିବନ୍ଧୁ ନାହାକ, ଗୌରହରି ପାତ୍ର ଓ ସୁରେଶ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସେମାନଙ୍କ କର୍ମମୟ ଜୀବନ, ନାଲ୍‌କୋ ପ୍ରତି ଥିବା କର୍ତ୍ତବ୍ୟନିଷ୍ଠା ଆଦି ଉପରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ବିଭବ ଜେନା ନାଲ୍‌କୋର ବିଭିନ୍ନ ସମସ୍ୟା ସମ୍ପର୍କିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ରାଉତ, ହେମନ୍ତ ପ୍ରଧାନ, ଧର୍ମାନନ୍ଦ ନାୟକ, ଅଶୋକ ବେହେରା, ପ୍ରଣବ ଜେନା, ରମେଶ ତରେଇ, ନଟବର ବେହେରା, ରାମେଶ୍ୱର ହେମ୍ବ୍ରମ, ଶୁଭ୍ରାଂଶୁ ବେହେରା, ସନ୍ତୋଷ ମହାରଣା, ଗଣେଶ୍ୱର ମାଡକାମି, ସୌରଭ ଦାସ, ନିରୀ ଦେହୁରୀ, ଦୀନବନ୍ଧୁ ମିଶ୍ର, ମୁନା ମାରାଣ୍ଡି, କରୁଣା ସାହୁ, ବିଦେଶୀ ଦେହୁରୀ, ପଙ୍କଜ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ହଜାରେ ଟଙ୍କା ଜରିମାନା

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହକୁମାରେ ଥିବା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତ (ଜେଏମ୍ଏଫ୍‌ସି କୋର୍ଟ)ରେ ଶୁକ୍ରବାର ଏକ ମାମଲାର ରାୟ ପ୍ରକାଶ ସହ ଦଣ୍ଡାଦେଶ ଘୋଷଣା ହୋଇଛି। ଗତ ୮ ନଭେମ୍ବର ୨୦୦୭ ମସିହାର କୋର୍ଟ କେସ୍ ନଂ. ସିଟି୧୯୩୧/୭ର ବିଚାର କରି କୋର୍ଟ ପକ୍ଷରୁ ଅଭିଯୁକ୍ତଙ୍କୁ ୧ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ଦିଆଯାଇଛି। ଜରିମାନା ଅନାଦାୟସ୍ଥଳେ ୧୦ ଦିନର ଜେଲ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବିବରଣୀ ଅନୁଯାୟୀ, ଛେଣ୍ଡିପଦା ଥାନା ଅଞ୍ଚଳର ଜନୈକା ମହିଳା ରାତିରେ ଘରୁ ବାହାରକୁ ଆସିଥିବାବେଳେ ସୁକାନ୍ତ ଗଡ଼ନାୟକ ଓ ଟୁଟୁ ନାୟକ ତାଙ୍କୁ ଅସଦାଚରଣ କରିବା ସହିତ ଏକ କଟୁରି ଦେଖାଇ ମାରି ଦେବାକୁ ଧମକ ଦେଇଥିଲେ। ଏପରି କି ମହିଳା ଜଣକ କୌଶଳକ୍ରମେ ଖସି ଘରକୁ ପଳାଇଯିବା ପରେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତମାନେ ତାଙ୍କୁ କିରୋସିନ ଢାଳି ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ମହିଳାଙ୍କ ସ୍ୱାମୀ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୮୮/୨୦୦୭ରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ବିଚାର କରି ବିଚାରପତି ତନୱି ରଥ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଧାରା ଅଭିଯୁକ୍ତଙ୍କୁ ୩୪୧ରେ ୨ଶହ ଟଙ୍କା, ୩୪୨ରେ ୩ଶହ ଏବଂ ଧାରା ୫୦୬ରେ ୫ଶହ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ୧୦ ଦିନ କାରାଦଣ୍ଡରେ ଦଣ୍ଡିତ କରିବା ପାଇଁ ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ (କ୍ୟାଡର) ସର୍ବଜିତ ଶ୍ରୀଚନ୍ଦନ, ଅତିରିକ୍ତ ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ଓ ସହକାରୀ ଓକିଲ ଉତ୍କଳ ପ୍ରଧାନ ପରିଚାଳନା କରିଥିଲେ।

# ସହକାରୀ ଜିଲାପାଳଙ୍କ ଜରାଶ୍ରମ ପରିଦର୍ଶନ

**କାମାକ୍ଷାନଗର, ୨୪।୩(ଡି.ଏନ୍.ଏ.)**

କାମାକ୍ଷାନଗର ସହକାରୀ ଜିଲାପାଳ ମଦନ ମୋହନ ଜେନା ଜିରିଡ଼ାମାଲିସ୍ଥିତ ସାବିତ୍ରୀ ଦେବୀ ବରିଷ୍ଠ ନାଗରିକ ଗୃହ ପରିଦର୍ଶନ କରିଛନ୍ତି। ଜରାଶ୍ରମରେ ରହୁଥିବା ୨୦ ଅନ୍ତେବାସୀଙ୍କ ସହ ଆଲୋଚନା କରିବାସହ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟସେବା, ଖାଦ୍ୟପାନୀୟ ବିଷୟ ଯାଞ୍ଚ କରିଥିଲେ। ଏଥିସହ ଜରାଶ୍ରମକୁ ଆସୁଥିବା ଅନୁଦାନ କିପରି ଖର୍ଚ୍ଚ ହେଉଛି, ସେ ସମ୍ପର୍କରେ ଅନୁଷ୍ଠାନର ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ଦୈନନ୍ଦିନ ଖାଦ୍ୟରେ ମାଣ୍ଡିଆକୁ ସାମିଲ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଆୟୋଜିତ ସାନ୍ଧ୍ୟାକାଳୀନ ଭଜନ ସମାରୋହକୁ ସହକାରୀ ଜିଲାପାଳ ଉପଭୋଗ କରିଥିଲେ।



ଜରାଶ୍ରମ ଅନ୍ତେବାସୀଙ୍କ ସହ ସହକାରୀ ଜିଲାପାଳ।

# ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟ୍

**ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ଘରେ ବୁଲାଇଲେ କଳାକନା**

**ଭୁବନ, ୨୪।୩(ଡି.ଏନ୍.ଏ.)**

କିଛିଦିନର ନୀରବତା ପରେ ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ପୁଣିଥରେ ଲୁଟେରାଙ୍କ ଦୌରାତ୍ମ୍ୟ ଦେଖାଦେଇଛି। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ କଳାକନା ବୁଲାଇଛନ୍ତି। ପ୍ରାୟ ୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରହୁଥିବା କାଳିନ୍ଦୀ ଚନ୍ଦ୍ର ସାହୁ। ଏ ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଛି।

କାଳିନ୍ଦୀ ଅଭିଯୋଗ କରିଛନ୍ତି, ଗୁରୁବାର ସେ କୌଣସି କାର୍ଯ୍ୟରେ ବାହାରେ ଥିଲେ। ଘରେ ଅନ୍ୟ ପରିବାର ସଦସ୍ୟ ଥିଲେ। ରାତିରେ ସମସ୍ତେ ଖାଇପିଇ ଶୋଇପଡ଼ିବା ପରେ କେତେଜଣ ଦୁର୍ବୃତ୍ତ ଝରକା ଭାଙ୍ଗି ଘରେ ପଶିଥିଲେ। ଆଲମିରାରେ ଥିବା ୧୧ ଭରି ସୁନା, ୧୬ ଭରି ରୁପା ଅଳଙ୍କାର ସହିତ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇ ଚମ୍ପଟ୍ ମାରିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଭୁବନ ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବିଶେଷ କରି ଜାତୀୟ ରାଜପଥରେ ପଥଚାରୀ ଏବଂ ତଲାବନ୍ଦ ଘରକୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଛନ୍ତି। ହେଲେ ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚି ପାରୁନାହିଁ। ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଅପରାଧୀମାନେ ସେମାନଙ୍କ ଯୋଜନାରେ ସଫଳ ହେଉଛନ୍ତି। ଅପରାଧ ଘଟାଇ ସେମାନେ ଖୁବ୍ କମ୍ ସମୟରେ ପଡ଼ୋଶୀ ଜିଲାକୁ ଖସି ପଳାଉଛନ୍ତି। ଯାନବାହନ ଯାଞ୍ଚ ଏବଂ ପୋଲିସ ପଇଁତରା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଏ ସଂକ୍ରାନ୍ତରେ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କୁହନ୍ତି, ପୋଲିସ ନିକଟରେ ପାଟ୍ରୋଲିଂ କରିବାକୁ ଆବଶ୍ୟକ ସଂଖ୍ୟକ ଗାଡ଼ି ନାହିଁ। ଥାନାରେ କର୍ମଚାରୀଙ୍କ ଅଭାବ ରହିଛି। ତଥାପି ବିଭିନ୍ନ ଦିଗକୁ ନେଇ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି ବୋଲି ଥାନାଧିକାରୀ କହିଛନ୍ତି।



ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ସୁନାଗହଣା ଲୁଟି ନେଇଛନ୍ତି।

# ‘ଆଦିବାସୀ ଅଞ୍ଚଳ ଅବହେଳିତ’

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପଞ୍ଚାୟତ ପ୍ରତିନିଧିଙ୍କ ବୈଠକ ଡଙ୍ଗାପାଳସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଆବାହକ ପଙ୍କଜ ନାୟକ ଯୋଗଦେଇ ଦଳର ନୀତିଆଦର୍ଶ, ଜନାଭିମୁଖୀ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପରଜଙ୍ଗ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ ପଣ୍ଡା କହିଲେ, ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀ ଅବହେଳିତ ଅବସ୍ଥାରେ ରହିଛନ୍ତି। ନେତାମାନେ ସେମାନଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରୁଛନ୍ତି। ଏହି ସମସ୍ୟାର ସମାଧାନ କେବଳ ଏଏପି କରିପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମିଡିଆ ପ୍ରଭାରୀ ଜିତେନ୍ଦ୍ର ବେହେରା, ଅଭୟ ସିଂ, ଗୀତାଞ୍ଜଳି ପାତ୍ର, ଅନିତା ନାୟକ, ଫୁଲ ପାତ୍ର, ଇନ୍ଦ୍ରମଣି ସିଂ, ମଣ୍ଟୁ ମହାନ୍ତ, କାହ୍ନୁ ଲୁଗୁନ, ମଳୟ ମହାନ୍ତ, ତ୍ରିନାଥ ମୁର୍ମୁ, ଶରତ ସାହୁ, ଚରଣ ପାତ୍ର, ବିମଳା ବେହେରା, ନଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଲିକୁମା ପଞ୍ଚାୟତ ଇନଚାର୍ଜ ଅରୁଣ ଦାସ, ପରଜଙ୍ଗ ବ୍ଲକ ସଭାପତି ପ୍ରକାଶ ବିଶ୍ୱାଳ, ଜୋନ୍ ଦାୟିତ୍ୱ ନେଇଥିବା କୃପାସିନ୍ଧୁ ମହାରଣା ପରିଚାଳନା କରିଥିଲେ।




ବୈଠକରେ ଏଏପିର କର୍ମକର୍ତ୍ତାମାନେ।

# ଜୈବିକ ସାର ପ୍ରୟୋଗ କର୍ମଶାଳା

**ସାତମାଇଲ, ୨୪।୩(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକ କୃଷି କାର୍ଯ୍ୟାଳୟଠାରେ ଶୁକ୍ରବାର ଜୈବିକ ସାର ଏବଂ ଔଷଧ ପ୍ରୟୋଗ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ବିଭୁଦତ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଜିଲା କୃଷି କାର୍ଯ୍ୟାଳୟର ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ଓଡ଼ାପଡ଼ା ସହକାରୀ କୃଷି ଅଧିକାରୀ ଦୀପ୍ତି ଦୀପାଲି, ଆତ୍ମା ଅଧକ୍ଷ ରମେଶ ପ୍ରସାଦ ସାହୁ ଯୋଗଦେଇ ଜୈବିକ ସାର ପ୍ରସ୍ତୁତି, ବ୍ୟବହାର ଏବଂ ଉପାଦେୟତା ସମ୍ପର୍କରେ ଚାଷୀଙ୍କୁ ବୁଝାଇ ଥିଲେ। ରାସାୟନିକ ସାରର ବହୁଳ ବ୍ୟବହାରରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଚାଷୀ ଯୋଗଦେଇଥିଲେ। ଶିଶିର ସାହୁଙ୍କ ସହିତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

# କୃଷି ଋଣର ସୁଯୋଗ ନିଅ

**ଭୁବନ, ୨୪।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାରୁଆ (ବି) ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର କୃଷକଙ୍କୁ ନେଇ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାନେତ୍ରୀ ସ୍ନେହଲତା ଦାସଙ୍କ ସଭାପତିତ୍ୱରେ ଜିଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଚାଷୀ ଏବଂ ଚାଷର ବିକାଶ ଲାଗି ସରକାର ବହୁ ଯୋଜନା କରିଛନ୍ତି। ଉନ୍ନତ କୃଷି ଯନ୍ତ୍ରପାତି କିଣାରେ ସବ୍‌ସିଡି ଯୋଗାଇ ଦିଆଯାଉଛି। ବିଭିନ୍ନ କୃଷି ଋଣର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ। କାମାକ୍ଷାନଗର ଏଆର୍‌ସିଏସ୍ ଅନିଲ ରଥ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଋଣ ଅର୍ଥର ସଦ୍‌ବିନିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ସମ୍ପାଦକ ସୁଶାନ୍ତ ପରିଡ଼ାଙ୍କ ସଂଯୋଜନାରେ ଏସ୍‌ଆର୍‌ସି ବିମଳ କୁମାର ସାହୁ, ଧଳପଡ଼ା ସରପଞ୍ଚ ଶ୍ରୀନିବାସ ବେହେରା, ଓଡ଼ିଶ ସରପଞ୍ଚ ମୋହନ କୁମାର ମାହୁନ୍ତ, ବାରୁଆ (ବି) ସରପଞ୍ଚ ବୀଣାପାଣି ସାହୁ, ଭୁବନସ୍ଥିତ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଗଣେଶର ଖଟୁଆ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ସମବାୟ ସମିତି ଅଧୀନ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ସମିତି କର୍ମଚାରୀ ପ୍ରିୟରଞ୍ଜନ ଦାସ, ବାବୁଲା ନାୟକ, ନଳିନୀ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

# ୨୭ ଜଣଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ ଭାରତ ମାତା ସେବା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଇଂ. ବାବୁଚାନ୍ଦ ମହାଳିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚାମ୍ବର୍ସ ଅଫ୍ କମର୍ସ ସଭାପତି ରାଜେନ୍ଦ୍ର ଦାସ ହିଣ୍ଡୋଚା, ମୁଖ୍ୟବକ୍ତା ଭାବେ ଆର୍‌ଏସ୍ଏସ୍‌ର ପୂର୍ବତନ ସହପ୍ରାନ୍ତ ସଂଘ ଚାଳକ ହେମନ୍ତ କୁମାର ଧର ଯୋଗଦେଇ ଭାରତର ସଂସ୍କୃତିରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ଗୁରୁତ୍ୱ, ବୈଜ୍ଞାନିକ ଦିଗ ଉପରେ ଆଲୋଚନା କରିଥିଲେ। ଯୁଗ୍ମ ସମ୍ପାଦକ ପ୍ରମୋଦ ନାଥଶର୍ମା, ଶଶିକାନ୍ତ ଦାସ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଭାକର ରାଉତ, ଡ. ସୁସନ୍ଧ୍ୟା ମହାନ୍ତି, ଥିଙ୍କର୍ସ ଫୋରମ୍‌କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ ୨୭ ମହିଳା ଓ ବାଲ୍ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ନାଟକ ‘ଡକ୍ଟର ଦୀପାଳି’ ପରିବେଷଣ କରାଯାଇଥିଲା। ଶିଳ୍ପୀ ପରେଶ ପଟ୍ଟନାୟକ ନାଟକର ନିର୍ଦ୍ଦେଶନା, ହିମାଂଶୁ ଶେଖର ବ୍ରହ୍ମା ସଙ୍ଗୀତ ସଂଯୋଜନା, ମନମୋହନ ତ୍ରିପାଠୀ ପରିଚାଳନା କରିଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିମାନେ।

